# ଜାତୀୟ ପ୍ରେସ୍ ଦିବସ ପାଳିତ

ଭୁବନେଶ୍ୱର ୧୬/୧୧/୨୦୧୬: ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ପରିସରରେ ଆଜି ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ "ସାମ୍ବାଦିକତାରେ ନୈତିକତା ଓ ବୃତିଗତ ଅଭ୍ୟାସ" ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଦୈନିକ ଓଡିଆ ଖବର କାଗଜ ନିତିଦିନର ସମ୍ପାଦକ ସମ୍ପଦ ମହାପାତ୍ର ସାମ୍ବାଦିକତାର ମୌଳିକ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱ ଦେଇଥିଲେ ।

ସାମ୍ବାଦିକତାକୁ ବୃତି ହିସାବରେ ଗ୍ରହଣ କରିଥିବା ପ୍ରତ୍ୟେକ ବ୍ୟକ୍ତି ସଠିକ ତଥ୍ୟ ଉପସ୍ଥାପନ କରିବା ସହିତ ନିଜର ବିବେକ ଓ ନୀତି ଦ୍ୱାରା ପରିଚାଳିତ ହେବା ଉଚିତ । ବୃହତର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଖବର ପ୍ରସାରଣ କରିବା ଦରକାର । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ଗଣମାଧମ ଆଜି ନିଜର ସ୍ଥିତି ଦଖଲ କରିଥିବା ବେଳେ, ବହୁ ସମୟରେ କର୍ତବ୍ୟରେ ବାଟବଣା ହେବାରେ ପରିଲକ୍ଷିତ ହେଉଛି ବୋଲି ସେ ମତ ପ୍ରକାଶ କରିଥିଲେ ।

ଅନ୍ୟତମ ଅତିଥିଭାବେ ଯୋଗ ଦେଇ ଦୈନିକ ଇଂରାଜୀ ଖବର କାଗଜ ହିନ୍ଦୁର ଓଡ଼ିଶା ମୁଖ୍ୟ ପ୍ରଫୁଲ ଦାସ କହିଲେ ଯେ ଗଣମାଧମ ନିଜେ ନିଜର ନୀତି ନିର୍ଦ୍ଧାରଣ କରିବା ଉଚିତ । କିନ୍ତୁ ଦୁଃଖର ବିଷୟଯେ ବହୁ ଗଣମାଧମ ସଂସ୍ଥା ଆଜି ଏହି ବୃତିଟିକୁ ଏକ ବ୍ୟବସାୟୀକ ରୂପ ଦେବା ସହିତ ଆଇନିର ଉଲଂଘନକାରୀ ହେଉଛନ୍ତି । ସମ୍ବିଧାନ ପ୍ରଦତ ମତ ବ୍ୟକ୍ତ କରିବାର ଅଧିକାରର ଅପ ପ୍ରୟୋଗ କରାଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ ।

ନିର୍ଭୟର ସମ୍ପାଦକ ନବୀନ ଦାସ ଗଣମାଧମର ଲକ୍ଷ୍ମଣ ରେଖା ଉପରେ ଗୁରୁତ୍ୱଦେଇ କହିଲେ ଯେ ସମୟର ପରିବର୍ତନ ସହିତ ତାଳ ଦେଇ ଗଣମାଧମରେ ଅଭୂତପୂର୍ବ ପରିବର୍ତନ ଘଟିଛି ସତ, ହେଲେ ଏହା ବହୁ ସମୟରେ ଏହାର ରେଖା ଅତିକ୍ରମ କରୁଛି । ଗଣମାଧମ ବୃହତର ସ୍ୱାର୍ଥ ଓ ସାଧାରଣ ଜନତାଙ୍କର ଅଧିକାରକୁ ସୁରକ୍ଷାଦେବା ପରିବର୍ତେ ନିଜ ସ୍ୱାର୍ଥ ଓ ଅଧିକାର ପାଇଁ ବେଶି ଚିନ୍ତିତ । ଏହି କ୍ଷେତ୍ରରେ ପ୍ରତ୍ୟେକଟି ବ୍ୟକ୍ତି ସଚ୍ଚୋଟ ଓ ନିର୍ଭୀକ ହେବା ସହିତ ସ୍ୱାର୍ଥଠାରୁ ଉର୍ଦ୍ଧ୍ୱରେ ରହି ଦାୟୀତ୍ୱ ସମ୍ପାଦନ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଉଦ୍‌ଘାଟନ ଉତ୍ସବରେ ବିଜେପି ର ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ଯୋଗ ଦେବା ସହିତ ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଉପେନ୍ଦ୍ର ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବହୁ ଛାତ୍ରଛାତ୍ରୀ, ଅଧାପକ ଓ ଅଧାପିକା ଉପସ୍ଥିତ ଥିଲେ ।